ଉଲ୍ଲେଖନୀୟ ସେବାପାଇଁ ମାରିକୁଟି ଖୁସାଲ ଓ ଗୌରୀ ସାହୁଙ୍କୁ 'ବିଶ୍ୱାସ' ସମ୍ମାନ

## ବିଶ୍ୱ ସେବିକା ଦିବସରେ ରାଜ୍ୟପାଳଙ୍କ ଆହ୍ୱାନ

# ନିସ୍ୱାର୍ଥପର ସେବା କରୁଥିବା ସେବିକାଙ୍କ ମନୋବଳ ବୃଦ୍ଧି କରାଯିବା ଆବଶ୍ୟକ

ଭୁବନେଶ୍ୱର, ସାମାଜିକ ଉନ୍ନତି ଓ ସମୃଦ୍ଧିପାଇଁ ଶିକ୍ଷିତ ସେବିକାଙ୍କର ଭୁମିକା ଗୁରୁତ୍ୱପୁର୍ଣ୍ଣ ବୋଲି ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ କହିଛନ୍ତି ।

ବିଶ୍ୱ ସେବିକା ଦିବସ ଉପଲକ୍ଷେ ବିଶ୍ୱାସ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ ଏକ ସଭାରେ ମୃଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଭଣ୍ଡାରେ କହିଥିଲେ ଯେ,ନିସ୍ୱାର୍ଥପର ସେବା ଯୋଗାଇ ଆସୁଥିବା ସେବିକା ମାନଙ୍କର ମନୋବଳ ବୃଦ୍ଧି କରିବାପାଇଁ ସେମାନଙ୍କୁ ସମସ୍ତ ପ୍ରକାର ମାନସିକ ସହଯୋଗ କରାଯିବା ଆବଶ୍ୟକ । ଏଦିଗରେ ବିଶ୍ୱାସ ଭଳି ଶିକ୍ଷାଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ ବୋଲି ସେ କହିଥିଲେ ।

ବୁଧବାର ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ଠାରେ ବିଶ୍ୱ ସେବିକା ଦିବସ ଅବସରରେ ରାଜ୍ୟର ବିଭିନ୍ନ ଦୂର୍ଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ସେବିକା ମାନଙ୍କୁ ରାଜ୍ୟପାଳ ସାଧୁବାଦ ଜଣାଇବା ସହ ସେମାନଙ୍କ କାର୍ଯ୍ୟ ପରିସରକୁ ଅଧିକ ସରସ ଓ ସୁନ୍ଦର କରିବାକୁ ସବୁ ସ୍ତରରେ ଉଦ୍ୟମ କରାଯିବାପାଇଁ କହିଥିଲେ । ସେ କହିଥିଲେ ଯେ, ରାଜ୍ୟର ସେବିକାମାନେ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଯେଉଁସବୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି ସେସବୁକୁ ଦୂର କରିବାକୁ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳର ଆବଶ୍ୟକତା ରହିଛି । ଏହାଦ୍ୱାରା ଚିକିତ୍ସା କ୍ଷେତ୍ରରେ ସେମାନଙ୍କ ମାନବୃଦ୍ଧି ପାଇବ ବୋଲି ସେ କହିଥିଲେ ।

ବିଶ୍ୱାସ ପକ୍ଷରୁ ଏହି ଅବସରରେ ରାଜ୍ୟର ଦୁଇଜଣ ନର୍ସଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବାପାଇଁ ସମ୍ମାନୀତ କରାଯାଇଥିଲା । ସେମାନେ ହେଲେ ଖରିଆରସ୍ଥିତ ଇଭାନଜେଲିକାଲ ଡାକ୍ତରଖାନାର ସେବିକା ମାରିକୁଟି ଖୁସାଲ ଏବଂ ବରିଷ୍ଠ ସେବିକା ଗୌରୀ ସାହୁ । ଏହି ଦୁଇଜଣ ସେବିକାଙ୍କୁ ରାଜ୍ୟପାଳ ମାନପତ୍ର ଓ ଅର୍ଥ ପୁରସ୍କାରରେ ସମ୍ମାନୀତ କରିଥିଲେ ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପ ନିର୍ଦ୍ଦେଶିକା ଶ୍ରୀମତୀ ଶକୁନ୍ତଳା ସାହାଣୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ରାଜ୍ୟର ବିଭିନ୍ନପ୍ରାନ୍ତରେ କାର୍ଯ୍ୟ କରୁଥିବା ନର୍ସ ମାନଙ୍କୁ ନର୍ସ ଦିବସ ପାଇଁ ଅଭିନନ୍ଦନ ଜଣାଇଥିଲେ ।

ବିଶ୍ୱାସ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟର ଚେୟାରପର୍ସନ ଶ୍ରୀମତୀ ପ୍ରତିମା ଘଡାଇ ରାଜ୍ୟର ବିଭିନ୍ନପ୍ରନ୍ତରେ କାର୍ଯ୍ୟ କରୁଥିବା ସେବିକାମାଦଙ୍କୁ ଏହି ଅବସରରେ ମାନପତ୍ରଦେଇ ସମ୍ମାନୀତ କରିଥିବା ବେଳେ କଲେଜର ନିର୍ଦ୍ଦେଶକ ଆଣ୍ଟୋନୀ ମାଥ୍ୟୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ବିଶ୍ୱାସ ନର୍ସିଂ କଲେଜର ଅଧ୍ୟକ୍ଷା ଜୟା ହିରଣମୟୀ ବିଶ୍ୱାଳ ବିବରଣୀ ପାଠ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଇଁ.ପ୍ରଜ୍ଞାନ ରଞ୍ଜନ ଘଡାଇ,ଅଧ୍ୟକ୍ଷ ଡ.ଭୀମା ରାଓ,ସୁଜିତ୍ ମହାନ୍ତି,ନଳିନ୍ ପାତ୍ର ପମୁଖ ସଭାରେ ଉପସ୍ଥିତ ଥିଲେ ।

ନଳୀନ ପାତ୍ର,ଡାଇରେକ୍ଟର କମ୍ୟୁନିକେସନ,ବିଶ୍ୱାସ

ଫୋନ୍-୯୪୩୭୧ ୬୫୬୭୭